# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**07th April - 2024**

**News Editor : *Tapan Kumar Moharana***

******************************

***IPR***

## ମୁଖ୍ୟ ଶାସନ ସଚିବ - ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ପାନୀୟ ଜଳ ପାଇଁ ପ୍ରାଥମିକ ଆବଶ୍ୟକତା, ବିଭିନ୍ନ ସ୍ଥାନରେ ଜଳଛତ୍ର କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାବ୍ୟତୀତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ମାର୍ଗଦର୍ଶିକାକୁ ସଠିକ୍ ଭାବେ ପାଳନ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରୁ ବିରତି ଦେବା ନେଇ ଶ୍ରମ ବିଭାଗର ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହା ବ୍ୟତୀତ ସାଧାରଣ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ହେଉଥିବା ସାଧାରଣ ସଭାକୁ ଦୀର୍ଘ ସମୟପାଇଁ ନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

*Desk*

## ତୃତୀୟଲିଙ୍ଗୀ ମତଦାତା

ରାଜ୍ୟରେ ଚଳିତ ନିର୍ବାଚନରେ ୩ ହଜାର ୩୮୦ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି ବୋଲି ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟଙ୍କ ସୂତ୍ରରୁ ଜଣାପଡ଼ିଛି । ୨୦୧୯ ମସିହାରେ ତୃତୀୟଲିଙ୍ଗୀ ମତଦାତାଙ୍କ ସଂଖ୍ୟା ୨ ହଜାର ୯୨୩ ଥିଲା ।  କେନ୍ଦୁଝର ନିର୍ବାଚନ ମଣ୍ଡଳିରେ ଜଣେ ହେଲେ ତୃତୀୟ ଲିଙ୍ଗୀ ଭୋଟର୍ ନ ଥିବାବେଳେ ବୌଦ୍ଧ ଜିଲ୍ଲାର କଣ୍ଟାମାଳରେ ଜଣେ ତୃତୀୟଲିଙ୍ଗୀ ଭୋଟର୍ ଥିବା ଜଣାପଡ଼ିଛି । ତୃତୀୟଲିଙ୍ଗୀ ମତଦାତାଙ୍କ ସଂଖ୍ୟା ଖୋର୍ଦ୍ଧାରେ ସର୍ବାଧିକ ୫୬୦ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

*IPR*

## ରାଜଧାନୀ ପ୍ରତିଷ୍ଠା ଦିବସ

୭୬ତମ ଭୁବନେଶ୍ୱର ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୩ ତାରିଖରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ । ଚଳିତ ବର୍ଷ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ୩ ଦିନ ପରିବର୍ତ୍ତେ ଗୋଟିଏ ଦିନରେ ସୀମିତ

କରିବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବି.ଏମ୍.ସି. ଓ ବି.ଡି.ଏ.ର ମିଳିତ ସହଯୋଗରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି ।

***Desk***

## ଗଞ୍ଜାମ ଜିଲ୍ଲା - ନିର୍ବାଚନ ବୈଠକ

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷ ବ୍ରହ୍ମପୁରଠାରେ ନିର୍ବାଚନ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନକୁ ନିରପେକ୍ଷ, ଅବାଧ ଓ ପ୍ରଲୋଭନ ମୁକ୍ତ କରିବା ଏବଂ ମତଦାନ ହାର ବୃଦ୍ଧି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ୭୬୨ଟି ସମ୍ବେଦନଶୀଳ ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ଶାନ୍ତିଶୃଙ୍ଖଳାର ସହିତ ମତଦାନ କରିବାପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଗଞ୍ଜାମ ଜିଲ୍ଲା ପୁଲିସ୍ ପ୍ରଶାସନ ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ସୂର୍ଯ୍ୟୋପରାଗ

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଆସନ୍ତାକାଲି ଦୃଶ୍ୟମାନ ହେବ । ଏହା ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିବାରୁ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଏହି ସୂର୍ଯ୍ୟୋପରାଗ ଅତ୍ୟନ୍ତ ସୁନ୍ଦର ଏବଂ ବିରଳ ହେବ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ । ଭାରତୀୟ ସମୟ ଆସନ୍ତାକାଲି ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ ମିନିଟ୍‌ରେ ଶେଷ ହେବ । ସର୍ବାଧିକ ପରାଗ ରାତି ୧୧ଟା ୪୭ ମିନିଟ୍ ସମୟରେ ଦୃଶ୍ୟମାନ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଅନୁମାନ କରିଛନ୍ତି ।

*Desk*

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ବାର୍ତ୍ତା ନେଇ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି, ବିଶ୍ୱର କୋଟି କୋଟି ଲୋକ ଉତ୍ତମ ସେବା ଅଧିକାରରୁ ବର୍ତ୍ତମାନ ମଧ୍ୟ ବଞ୍ଚିତ ରହିଛନ୍ତି । ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ଅଭାବ ଓ ଉତ୍ତମ ଚିକିତ୍ସା ମିଳିପାରୁ ନ ଥିବାରୁ ବିଶ୍ୱର ପ୍ରତି ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ବାୟୁମଣ୍ଡଳ ପ୍ରଦୂଷଣ, ବିଶୃଙ୍ଖଳିତ ଖାଦ୍ୟପାନୀୟର ଅଭ୍ୟାସ ବର୍ତ୍ତମାନ

ସମୟରେ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହୋଇଛି । ଅନ୍ୟପକ୍ଷରେ ସାମାଜିକ ଏବଂ ଆର୍ଥିକ ସ୍ଥିତିର ଅଭାବ ଯୋଗୁଁ ବହୁତ ରୋଗୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ମୋ ସ୍ୱାସ୍ଥ୍ୟ ମୋ ଅଧିକାର" । ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍ତମ ଚିକିତ୍ସା, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ, ପରିଷ୍କାର ପରିଚ୍ଛନ୍ନ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକାର ଯୋଗାଇ ଦେବାପାଇଁ ବିଭିନ୍ନ ସ୍ତରରେ ଆଜି ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଆଜି ଏଥିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ କଟକ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ଥିବାରୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହେବା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଗତକାଲି ୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ଓ ୮ଟି ସହରର ତାପମାତ୍ରା ୪୨ ଡିଗ୍ରୀରୁ ଉର୍ଦ୍ଧ୍ୱ ଥିଲା ।

*****